# Online Reservation System
# for entry into Black Diamond Complex, Angul. Odisha





On the New Year day i.e 1st January, 2024, the **Online Reservation System** for entry into the "**Black Diamond Complex**", **Angul, Odisha** was launched by Sri Siddharth Shankar Swain, IAS, Collector & DM, Angul in the presence of senior officers including ADM, Nizarat Oficer, DMF officials and other dignitaries.

The 'Black Diamond' complex has come up on 3.5 acres land to quench the thirst of students, research scholars on all questions related to coal and its mining. Visitors will get a chance to learn everything starting from discovery to the usage of coal.



The complex has an international library where a visitor can have the opportunity to read books written by renowned national and international authors. The world class Auditorium having capacity of 400 seats is available in the complex.

The Online Reservation System, developed on ServicePlus platform of NIC, aims to regulate the reservation process for various facilities available inside the Complex i.e. a) General Entry b) World Class Library c) Interpretation Centre d) Conference Hall e) Auditorium etc.








To avoid the crowd at the complex, one hour visiting slot systems has been incorporated in the application where the citizen can book a slot between 9AM to 5PM every day except Thursday, as the complex remains closed on Thursday for maintenance activity.  In each slot, a maximum of thirty (30) people can visit the complex. The various rate charts are available as per the option chosen by the citizen. The children below the age group of seven years are waived off for any payment.




Once the reservation is made by the citizen, confirmation slip having QR Code is generated from the system which will be verified at the complex by the officials in charge.

In the inaugural session, Sri Subrat Kumar Chatterjee, Sr. Director (IT) & DIO NIC, Angul gave a brief presentation on the features and detailed registration procedure of the Online Reservation System. The effort of the ServicePlus team, NIC, Bhubaneswar and DIO, Angul was well appreciated.

# 'ବ୍ଲାକ୍ ଡାଇମଣ୍ଡ'କୁ ପ୍ରବେଶ ନିମନ୍ତେ ଅନ୍‌ଲାଇନ୍ ବୁକିଂ ବ୍ୟବସ୍ଥା ଉଦ୍‌ଘାଟିତ



ଅନୁଗୋଳ,୨ ।୧(ସିଟି): ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ 'ବ୍ଲାକ୍ ଡାଇମଣ୍ଡ'ର ଦିନକୁ ଦିନ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଅପରାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନଲାଇନ୍ ବୁକିଂ ବ୍ୟବସ୍ଥାକୁ ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜିଲା ସୂଚନା ବିଜ୍ଞାନ ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଏହି ଅନଲାଇନ୍ ବୁକିଂ ପଞ୍ଜିକରଣ ବ୍ୟବସ୍ଥା ଉପରେ ଜିଲାପାଳଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ । ଏହି ବ୍ୟବସ୍ଥାକୁ ଖୁବ୍ କମ୍ ସମୟ ମଧ୍ୟରେ ବିକଶିତ କରାଯାଇଥିବାରୁ ଜିଲାପାଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ । ବୁକିଂ କରିବାକୁ ଇଚ୍ଛୁକ ବ୍ୟକ୍ତି ୱେବସାଇଟ୍ ଯାଇ ଦିଆଯାଇଥିବା ଲିଙ୍କ୍‌ରେ ନିଜର ନାମ, ମୋବାଇଲ ନମ୍ବର ଓ ଇ- ମେଲ ଦେଇ ପଞ୍ଜିକରଣ କରିପାରିବେ । ପଞ୍ଜିକରଣ କରିବା ପରେ ବ୍ଲାକ୍ ଡାଇମଣ୍ଡକୁ ପ୍ରବେଶ ପାଇଁ ଟିକଟ ବୁକିଂ କରିପାରିବେ । ଜଣେ ବ୍ୟକ୍ତି ପ୍ରତି ଘଣ୍ଟା ପାଇଁ ସର୍ବାଧିକ ୩୦ଟି ଟିକଟ ବୁକିଂ କରିପାରିବେ । ଅନଲାଇନ୍ ବୁକିଂ ପରେ ବୁକିଂ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ଓ ଇ- ମେଲରେ ବୁକିଂ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ । ଏହି ବୁକିଂ ତଥ୍ୟକୁ ବ୍ଲାକ୍ ଡାଇମଣ୍ଡର କାଉଣ୍ଟର ପାଖରେ ଦେଖାଇ ଉପଯୁକ୍ତ ଫି ପୈଠ କରି ପ୍ରବେଶ କରିପାରିବେ । ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ନିଜାରତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# 'ବ୍ଲାକ୍ ଡାଇମଣ୍ଡ'କୁ ପ୍ରବେଶ ନିମନ୍ତେ ଅନ୍‌ଲାଇନ୍ ବୁକିଂ ଉଦ୍‌ଘାଟିତ

ଅନୁଗୋଳ,୨।୧(ସମିସ): ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ 'ବ୍ଲାକ୍ ଡାଇମଣ୍ଡ'ର ଦିନକୁ ଦିନ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଆଜି ଅପରାହ୍ନରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନଲାଇନ୍ ବୁକିଂ ବ୍ୟବସ୍ଥାକୁ ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ



କେନ୍ଦ୍ରଠାରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଏହି ଅନଲାଇନ୍ ବୁକିଂ ପଞ୍ଜିକରଣ ବ୍ୟବସ୍ଥା ଉପରେ ଜିଲ୍ଲାପାଳଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଏହି ବ୍ୟବସ୍ଥାକୁ ଖୁବ୍ କମ୍ ସମୟ ମଧ୍ୟରେ ବିକଶିତ କରାଯାଇଥିବାରୁ ଜିଲ୍ଲାପାଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଓ ଅନୁଗୋଳର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ବୁକିଂ କରିବାକୁ ଇଚ୍ଛୁକ ବ୍ୟକ୍ତି [illegible] ୱେବସାଇଟ୍‌କୁ ଯାଇ [illegible] ଉପରେ କ୍ଲିକ୍ କରି ଦିଆଯାଇଥିବା ଲିଙ୍କ୍‌ରେ ନିଜର ନାମ, ମୋବାଇଲ ନମ୍ବର ଓ ଇମେଲ ଦେଇ ପଞ୍ଜିକରଣ କରିପାରିବେ। ପଞ୍ଜିକରଣ କରିବା ପରେ ବ୍ଲାକ୍ ଡାଇମଣ୍ଡକୁ ପ୍ରବେଶ ପାଇଁ ଟିକଟ ବୁକିଂ କରିପାରିବେ। ଜଣେ ବ୍ୟକ୍ତି ପ୍ରତି ଘଣ୍ଟା ପାଇଁ ସର୍ବାଧିକ ୩୦ଟି ଟିକଟ ବୁକିଂ କରିପାରିବେ। ଅନଲାଇନ୍ ବୁକିଂ ପରେ ବୁକିଂ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ଓ ଇ-ମେଲରେ ବୁକିଂ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଏହି ବୁକିଂ ତଥ୍ୟକୁ ବ୍ଲାକ୍ ଡାଇମଣ୍ଡର କାଉଣ୍ଟର ପାଖରେ ଦେଖାଇ ଉପଯୁକ୍ତ ଫି' ପୈଠ କରି ପ୍ରବେଶ କରିପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ନିଜାରତ ଅଧିକାରୀ ଓ ଜିଲ୍ଲା ଖଣିଜ ପାଣ୍ଠିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ଉଦ୍‌ଘାଟିତ



ଅନ୍‌ଲାଇନ୍ ପଞ୍ଜୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଉଛି।

**ଅନୁଗୋଳ,୧୧(ଅମିତ କୁମାର ସାମଲ)**

ଅନୁଗୋଳରେ ସ୍ଥାପନ ହୋଇଥିବା ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ ବ୍ଲକ ଡାଇମଣ୍ଡର ଦିନକୁ ଦିନ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ସୋମବାରଠାରୁ ଅନ୍‌ଲାଇନ ବୁକିଂ ବ୍ୟବସ୍ଥା ଆରମ୍ଭ ହୋଇଛି। ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ ଏହି ବ୍ୟବସ୍ଥାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ସୂଚନା ବିଜ୍ଞାନ ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ଏହି ଅନ୍‌ଲାଇନ ବୁକିଂ ପଞ୍ଜୀକରଣ ବ୍ୟବସ୍ଥା

## ବ୍ଲାକ୍ ଡାଇମଣ୍ଡକୁ ପ୍ରବେଶ

ଉପରେ ଜିଲାପାଳଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଏହି ବ୍ୟବସ୍ଥାକୁ ଖୁବ୍‌କମ ସମୟ ମଧ୍ୟରେ ବିକଶିତ କରାଯାଇଥିବାରୁ ଜିଲ୍ଲାପାଳ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ଓ ଅନୁଗୋଳର ଅଧିକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ପଞ୍ଜୀକରଣ କରିବା ପରେ ବ୍ଲକ ଡାଇମଣ୍ଡକୁ ପ୍ରବେଶ ପାଇଁ ଟିକେଟ ବୁକିଂ କରିପାରିବେ। ଜଣେ ବ୍ୟକ୍ତି ପ୍ରତି ଘଣ୍ଟା ପାଇଁ ସର୍ବାଧିକ ୩୦ଟି ଟିକେଟ ବୁକିଂ କରିପାରିବେ। ଅନ୍‌ଲାଇନ ବୁକିଂ ପରେ ବୁକିଂ ସମୟରେ ଦିଆଯାଇଥିବା ମୋବାଇଲ ନମ୍ବର ଓ ଇ-ମେଲରେ ବୁକିଂ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପଲବ୍ଧ ହେବ। ଏହି ବୁକିଂ ତଥ୍ୟକୁ ବ୍ଲକ ଡାଇମଣ୍ଡର କାଉଣ୍ଟର ପାଖରେ ଦେଖାଇ ଉପଯୁକ୍ତ ଫି ଦେଇ କରି ପ୍ରବେଶ କରିପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରାତିମୟ, ଜିଲା ନିଜାରତ ଅଧିକାରୀ ଓ ଜିଲା ଖଣିଜ ପାଣ୍ଠିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।